# ODISSI VOCAL AND MARDALA PLAY ENGROSSED THE AUDIENCES AT THE ODISSI MUSIC FESTIVAL INAUGURAL EVENING

**Cuttack - 09.02.2017 :** Guru Kelucharan Mohapatra Odissi Research Centre under the aegis of Department of Culture presented the 12th edition of Odissi Music Festival at Saheed Bhawan, Cuttack. The main objective of organisation of this festival is to showcase the Odishan Classical Music in national and international level.

The evening's first programme was started with Group Odissi Presentation by the renowned artiste from the Cuttack Shri Biswanath Mishra and Group. Followed by Solo Odissi Vocal by Simanchal Das from Patna, next was Solo Odissi Vocal by Ms. Binapani Nayak from Bhubaneswar and after that Shri Kartik Sahoo presented Odissi Solo Vocal. The concluding item of the inaugural evening was Solo Mardal play by the noted Mardala Guru Harmohan Khuntia from Cuttack. He was accompanied by Kulamani Sahoo in Harmonium and Ajay Kumar Barik in Violin. His spellbinding performance captivated the discerning Rasikas till the end.

The dignitaries who graced the occasion were Shri Manoranjan Panigrahy, Commissioner-cum-Secretary, Culture; Shri Amarendra Kumar Patnaik, Director, Culture; Dr. Shyamamani Devi, Odissi Music Exponent, Dr. Minati Mishra, Eminent Odissi Dancer and Dr. Sangita Gosain, Chief Executive, GKCM Odissi Research Centre. The programme was anchored by Shri Basanta Mohanty.

# ଛନ୍ଦ ଓ ମୂର୍ଚ୍ଛନାରେ ଓଡ଼ିଶୀ ସଙ୍ଗୀତ ଉତ୍ସବର ପ୍ରଥମ ସଂନ୍ଧ୍ୟା

**କଟକ-ତା.୦୯.୦୨.୨୦୧୭ -** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଦ୍ୱାଦଶ **ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୧୭** ଆଜି କଟକ ସ୍ଥିତ ଶହୀଦ ଭବନରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଉଦଘାଟିତ ହୋଇଯାଇଅଛି । ଏହା ଆଗାମୀ ତିନିଦିନ ଧରି ଯଥା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଓଡ଼ିଶାର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ଥରରେ ପହଞ୍ଚାଇବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ।

ପ୍ରଥମ ସନ୍ଧ୍ୟାରେ କଟକ ସହରର ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଯୁକ୍ତ ବିଶ୍ବନାଥ ମିଶ୍ର ଏବଂ ସାଥୀ ଦ୍ୱାରା ଦଳଗତ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ । ତାଙ୍କର ପ୍ରସ୍ତୁତିରେ ଥିଲା **କାହିଁ ପାଇଁ ସଖୀଗୋ ମୋହନ ଆସିଲେ ନାହିଁ** । ପରେ ପରେ ସୁଦୂର ପାଟଣାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୁରୁ ସୀମାଞ୍ଚଳ ଦାସ ଏକକ ଓଡ଼ିଶୀ ସଙ୍ଗୀତ, ସେ **ଚାହିଁବେ କେଡ଼େ ମଧୁର ଦେଖ ଗୋ ବସନ୍ତ** ଯାହା ରାଗ ରାଗାଙ୍ଗୀ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବେସିତ ଥିଲା । ତା ପରେ ଭୁବନେଶ୍ବରର ସୁନାମଧନ୍ୟା କଣ୍ଠଶିଳ୍ପୀ ଶ୍ରୀମତୀ ବୀଣାପାଣି ନାୟକ ଏକକ ଓଡ଼ିଶୀ କଣ୍ଠ ସଙ୍ଗୀତରେ **କୁହୁ କୁହୁ କେ ସେ ବୋଲେ** ଯାହା ରାଗ ବସନ୍ତ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା ଏବଂ ପୁରୀରୁ ଆସିଥିବା ଶ୍ରୀ କାର୍ତ୍ତିକ ସାହୁ ଏକକ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ । ସେ ପ୍ରଥମେ ପୁରାତନ ରଚନାକୁ ଉଦ୍ଧୃତ ରାଗ ମାର୍ଗବିହାର ଏବଂ ତାଳ ଏକତାଳୀରେ **ନବ ନବିନା ଶ୍ୟାମ ଝୁରେ ତୋବିନା** ଓ ଜଣାଣ **ଡ଼ାକେ ଜୋଡ଼ି ଦୁଃଖେ ହାତ ହେ ଜଗନ୍ନାଥ** ପରିବେଷଣ କରିଥିଲେ । ଆଜି ସନ୍ଧ୍ୟାର ଅନ୍ତିମ ପର୍ଯ୍ୟାୟରେ ବିଖ୍ୟାତ ମର୍ଦ୍ଦଳ ବାଦକ ବର୍ଷିୟାନ ଗୁରୁ ହରମୋହନ ଖୁଣ୍ଟିଆଙ୍କ ମର୍ଦ୍ଦଳ ବାଦନ ଉପସ୍ଥିତ ଶ୍ରୋତା ତଥା ଦର୍ଶକମାନଙ୍କୁ ଖୁବ୍ ଆନନ୍ଦ ପ୍ରଦାନ କରିଥିଲା । ତାଙ୍କୁ ହାରମୋନିୟମରେ କୁଳମଣି ସାହୁ ଏବଂ ବେହେଲାରେ ଅଜୟ କୁମାର ବାରିକ ସହଯୋଗ କରିଥିଲେ ।

ଆଜି ଉଦଘାଟନୀ ଉତ୍ସବର ଅତିଥିମାନେ ଥିଲେ ରାଜ୍ୟ ସଂସ୍କୃତି ବିଭାଗ ସଚିବ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅମରେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଖ୍ୟାତ ଓଡ଼ିଶୀ ସଙ୍ଗୀତ ଗାୟିକା ଶ୍ରୀମତୀ ଶ୍ୟାମାମଣୀ ଦେବୀ, ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟାଙ୍ଗନା ଡ଼. ମିନତୀ ମିଶ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବହୀ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀଯୁକ୍ତ ବସନ୍ତ ମହାନ୍ତି ।